## ୨୪ ଦିନରେ ଅଙ୍ଗନୱାଡ଼ି, ସହାୟିକାଙ୍କ ଧାରଣା

ଖଡ଼ିଆଲ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ବ୍ଲକସ୍ତରୀୟ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ ଓଡିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ୮ଦଫା ଦାବି ନେଇ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଦିନ ହେଲା ଧାରଣା ଜାରି ରହିଛି। ଅଙ୍ଗନୱାଡ଼ି କର୍ମୀମାନେ ନିଜର ସମସ୍ୟା ନେଇ ଦୀର୍ଘ ଦିନ ଧରି ଦାବି କରିଆସୁଥିଲେ ମଧ୍ୟ ବିଭାଗ ନିରବ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ କରାଯାଇଛି। ବ୍ଲକ ସଭାପତି ରେଶମା ବାନ୍ଦ୍ର, ସମ୍ପାଦକ ଗୀତାଞ୍ଜଳି ବିଶି, ଡ଼ଲୁ ସୁନା, କୁମୁଦିନି ଭୋଇ, ରିତା ଦାସଙ୍କ ସମେତ ସମସ୍ତ କର୍ମୀ ଓ ସହାୟିକା ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଡେପୁଟେଶନ ବାତିଲ, ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର

**ଲୋଇସିଂହା,୧୪।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାନଫାସଡ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନାହାନ୍ତି। ଫଳରେ ଛାତ୍ରୀଛାତ୍ର ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଆଗକୁ ବାର୍ଷିକ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ର ସମସ୍ୟାରେ ପଡିଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଖୁବଶୀଘ୍ର ବିଜ୍ଞାନ ଶିକ୍ଷକ ନିଯୁକ୍ତି ନଦେଲେ ଅଭିଭାବକ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି। ଲୁହୁରାମୁଣ୍ଡା ପଞ୍ଚାୟତ ସାନଫାସଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ରୁ ୭ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୭୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଅଭାବରୁ ବାବୁଫାସଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସବ୍ୟସାଚୀ ନାଏକଙ୍କୁ ଉକ୍ତ ସ୍କୁଲକୁ ଡେପୁଟେଶନ ଦିଆଯାଇଥିଲା। ନାୟକଙ୍କ ଯୋଗଦାନ ପରେ ଛାତ୍ରୀଛାତ୍ର ବିଜ୍ଞାନ ଶିକ୍ଷା ପାଇ ପାରୁଥିଲେ। ହେଲେ ଗତ ମାସରେ ଶିକ୍ଷକ ନାଏକଙ୍କ ଡେପୁଟେଶନକୁ ବାତିଲ କରି ପୂର୍ବ ସ୍କୁଲକୁ ଫେରାଇ ନିଆଯାଇଛି। ବିଦ୍ୟାଳୟରେ ଅବିଳମ୍ବେ ଜଣେ ବିଜ୍ଞାନ ଶିକ୍ଷକ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କୁଟୁରା ଛୁଆ ଉଦ୍ଧାର କଲା ବନବିଭାଗ

**ଖପ୍ରାଖୋଲ,୧୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର୍ ଗାଁ ନିକଟରୁ ବନବିଭାଗ ଏକ କୁଟୁରା ଛୁଆ ବୁଧବାର ଉଦ୍ଧାର କରିଛି। ଉଦ୍ଧାର କୁଟୁରା ଛୁଆ ୩ ରୁ ୪ ମାସର ବୋଲି ବନପାଳ ସନ୍ଧ୍ୟାରାଣୀ ସେଠ କହିଛନ୍ତି। କୁଟୁରାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଠିକ୍ ଥିବା ବ୍ଲକ ସହ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସୁଜିତ କୁମାର ଶତପଥୀ କହିଛନ୍ତି। କୁଟୁରାଟି ଗନ୍ଧମାର୍ଦ୍ଦନ ପାହାଡ଼ରୁ ଆସିଥିବା ଅନୁମାନ କରାଯାଉଛି। ଗାଁ ନିକଟରେ କୁଟୁରା ଛୁଆ ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ହରିଶଙ୍କର ବନପାଳ ସେଠଙ୍କ ନେତୃତ୍ୱରେ ବନବିଭାଗର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି କୁଟୁରା ଛୁଆକୁ ଉଦ୍ଧାର କରି ହରିଶଙ୍କର ହରିଣ ପାର୍କକୁ ନେଇଥିଲେ। ଉଦ୍ଧାର ସମୟରେ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବନରକ୍ଷୀ ମହେନ୍ଦ୍ର କାଲସାଏ, ମିଥୁନ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

### ହନୁମାନ କପ୍ କ୍ରିକେଟ: ଦର୍ଲିପାଲି ବିଜୟୀ

**ଖପ୍ରାଖୋଲ,୧୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ଜୟ ହନୁମାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପଞ୍ଚମ ହନୁମାନ କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ହରିବୋଲ ପୋଡ଼, ପୁରନ୍ଦର ସାହୁ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଦର୍ଲିପାଲି ଓ କର୍ଲାକୁଟୁନା ମଧ୍ୟରେ ହୋଇଥିଲା। ଦର୍ଲିପାଲି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ଓଭରରେ ସମସ୍ତ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ଜବାବରେ କର୍ଲାକୁଟୁନା ଦଳ କେବଳ ୪୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବୁଲୁ ସୁନା, ଅଜିତ ହଂସ, ସଞ୍ଜୀବ ଦାସ ପ୍ରମୁଖ ଆୟୋଜକ କମିଟି ସଦସ୍ୟ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ନାବାଳକଙ୍କୁ ଯୌନ ନିର୍ଯାତନା ଘଟଣା: ଜଣେ ଗିରଫ

**ଖଡ଼ିଆଲ,୧୪।୧୨(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ଥାନା ଅଞ୍ଚଳର ଦିବ୍ୟାଙ୍ଗ ନାବାଳକଙ୍କୁ ଜଣେ ବୃଦ୍ଧ ଯୌନ ନିର୍ଯାତନା ଦେବା ଘଟଣାରେ ପୋଲିସ ସମ୍ପୃକ୍ତ ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତ ସୋମବାର ଦିବ୍ୟାଙ୍ଗ ନାବାଳକ ବହୁ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ମା' ଓ ଭଉଣୀ ଖୋଜାଖୋଜି କରିଥିଲେ। ଖୋଜିବା ସମୟରେ ଖଡ଼ିଆଲ ଦୁରିଆପଡାର ସୁଶୀଲ କୁମାର (୬୦)ଙ୍କ ଘରେ ନାବାଳକଙ୍କ ସହ ଅସଂଜତ ଅବସ୍ଥାରେ ଉଭୟଙ୍କୁ ଦେଖିବାକୁ ପାଇଥିଲେ। ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋକ୍‌ସୋ ଆଇନ ଅନୁଯାୟୀ ୫୨୧/୨୨ ଏକ ମାମଲା ରୁଜୁ କରି ବୃଦ୍ଧଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।

# ସ୍କୁଲ ଗେଟ୍‌ରେ ତାଲା, ବାହାରେ ପିଲା

**ଗୋଲାମୁଣ୍ଡା,୧୪।୧୨(ଡି.ଏନ.ଏ.)**

କଳାହାଣ୍ଡିଜିଲା ଗୋଲାମୁଣ୍ଡା ବ୍ଲକସରକାରୀ ପ୍ରାଥମିକ ବିଦ୍ୟାଳୟ ଡୁମୁରାଠାରେ ବିଦ୍ୟାଳୟକୁ ଶିକ୍ଷକ ଠିକ ସମୟରେ ନ ଆସିବାରୁ ବୁଧବାର ଗେଟରେ ତାଲା ପଡିଥିଲା। ଏହା ଦେଖି ଛାତ୍ରଛାତ୍ରୀମାନେ ବହୁତ ସମୟ ଧରି ବାହାରେ ଅପେକ୍ଷା କରି ବୁଲୁଥିଲେ। ବିନା ଛୁଟିରେ ଶିକ୍ଷକଙ୍କ ଖାମଖିଆଲି ନୀତି ଯୋଗୁ ଛାତ୍ରୀଛାତ୍ରମାନେ ବାହାରେ ବୁଲୁଥିବା ଦେଖି ଅଭିଭାବକଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଡୁମୁରା ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସକାଳ ୯.୩୦ ମିନିଟରୁ ବିଦ୍ୟାଳୟକୁ ଆସିଥିଲେ। ସାଧାରଣତଃ ଛାତ୍ରଛାତ୍ରୀମାନେ ଏହି ସମୟରେ ବିଦ୍ୟାଳୟକୁ ଆସିଥାନ୍ତି। ୧୦ଟାରୁ ପ୍ରାର୍ଥନା


ସ୍କୁଲ ଗେଟ୍ ବନ୍ଦ ଥିବାରୁ ପିଲାମାନେ ବାହାରେ ବୁଲୁଛନ୍ତି।

ହୋଇ ପାଠପଢା ଆରମ୍ଭ ହୋଇଥାଏ। କିନ୍ତୁ ଛାତ୍ରୀଛାତ୍ରମାନେ ୯.୩୦ରୁ ୧୦.୨୦ ମିନିଟ ପର୍ଯ୍ୟନ୍ତ ବିଦ୍ୟାଳୟ ଗେଟ ବାହାରେ ଅପେକ୍ଷା କରିଥିଲେ। ପରେ ଜଣେ ଶିକ୍ଷକ ବିଦ୍ୟାଳୟକୁ ଆସୁଥିବା ଦେଖି ତାଙ୍କ ସହିତ ସ୍ଥାନୀୟ କିଛି ଅଭିଭାବକ ବିଳମ୍ବ ହେବାର କାରଣ ବିଷୟରେ ପଚାରିଥିଲେ। ଶିକ୍ଷକ ଜଣକ ଏହି ଘଟଣାକୁ ଅତି ହାଲୁକା ଭାବେ ନେଇ ଅଭିଭାବକଙ୍କୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପରି ନ ଥିଲେ। ଯେଉଁ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ୮ଜଣ ଶିକ୍ଷକ ଥିବା ବେଳେ ୩ଜଣ ଶିକ୍ଷକ ଉକ୍ତ ଗ୍ରାମର ଏବଂ ଅନ୍ୟ ଶିକ୍ଷକ ୨ରୁ ୩ କି.ମି. ଦୂରରୁ ଆସନ୍ତି। ଏହି ସ୍କୁଲରେ ନିୟମିତ ଏପରି ଘଟଣା ହେଉଥିବା ବେଳେ ସମୟ ପୂର୍ବରୁ ମଧ ଛୁଟି ହୋଇଯାଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

**ଶିକ୍ଷକ ବିଳମ୍ବରେ ଆସିବା ଅଭିଯୋଗ**

## ଟିଟିଲାଗଡ଼ ଜିଲା ଦାବି: କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର


ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଟିଟିଲାଗଡ,୧୪।୧୨(ଡି.ଏନ.ଏ.)**

ଟିଟିଲାଗଡ଼ ଜିଲା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଟିଟିଲାଗଡ଼ ବିଧାୟିକା ତଥା ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ପ୍ରଦାନ କରିଛି। ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ କୋର କମିଟି ସଦସ୍ୟମାନେ ମନ୍ତ୍ରୀଙ୍କ ଟିଟିଲାଗଡ଼ ବାସଭବନରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଟିଟିଲାଗଡ଼କୁ ଜିଲା କରିବା ପାଇଁ ଆମ ଦାବିକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚାଇବା ଆପଣଙ୍କ ଦାୟିତ୍ୱବୋଲି ସେମାନେ କହିଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉତ୍ସାହ


କୃତୀ ପ୍ରତିଯୋଗୀଙ୍କ ସହ ଉପଜିଲାପାଳ କୁମାର ନାଗଭୂଷଣ ଓ ଆୟୋଜକ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଟିମ୍।

**ବଲାଙ୍ଗୀର ଅଫିସ, ୧୪।୧୨**

ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ସିଂଦେଓ କ୍ରୀଡା କମ୍ପ୍ଲେକ୍ସଠାରେ ବୁଧବାର ଜିଲାସ୍ତରୀୟ କ୍ରୀଡା ଉତ୍ସବ ଉତ୍ସାହ-୨୨ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ୫ଟି ଶିଶୁ ଯତ୍ନ ଅନୁଷ୍ଠାନର ପ୍ରତିଯୋଗୀ ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗିତାକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ଶିଶୁ ମଙ୍ଗଳ ସମିତି ସଦସ୍ୟ ବିରଞ୍ଚି ବହିଦାର, ନନ୍ଦକିଶୋର ଷାଣ୍ଢ ଉପସ୍ଥିତ ଥିଲେ। ଜିଲାର ୫ଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ପଥରଚେପା ସ୍ଥିତ ପାର୍ବତୀଗିରି ବାଲନିକେତନ, ଆଦୃତ ଶିଶୁ ଗୃହ, ଦେଓଗାଁ ବ୍ଲକ୍ ସାଲେପାଲିସ୍ଥିତ ଗ୍ରାମ ମଙ୍ଗଳ ପାଠାଗାର, ଗୁରୁକୁଳ ସପ୍ତର୍ଷି ସେବାଶ୍ରମ, ଏବଂ କଣ୍ଟାବାଞ୍ଜି ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। କ୍ରୀଡା ପ୍ରତିଯୋଗିତାର ୧୦୦ ମିଟର, ୨୦୦ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚ ଡିଆଁ, ଚେସ, କ୍ୟାରମ, ଫୁଟବଲ ପ୍ରତିଯୋଗିତାର ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ମୋଟ ୧୦୦ ଜଣ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। କାର୍ଯକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଚୂଡାମଣି ପଣ୍ଡା ପରିଚାଳନା କରିଥିଲେ। ଦିଗମ୍ବର କର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଅରୁଣ ଖୁଆସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ଚିଦାଗୁଡ଼ା ଧନୁଯାତ୍ରା ଆରମ୍ଭ

**ଖଡ଼ିଆଲ,୧୪।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା-ଦମାପଲାଠାରେ ୧୫ ତାରିଖଠାରୁ ଷଷ୍ଠତମ ବିରାଟ ଧନୁଯାତ୍ରା ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କଂସ ଭୂମିକାରେ ପଶ୍ଚିମ ଓଡ଼ିଶାର କଳାକାର ଆର୍ତ୍ତତ୍ରାଣ ସୁନାନୀ ନିଜ ଅଭିନୟ ଦେଖାଇବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମିନାବଜାରର ଆସର ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି। ବିଶେଷ ଆକର୍ଷଣରେ ସ୍ଥାନୀୟ ଲୋକନୃତ୍ୟ ସହ ୧୭ ତାରିଖଠାରୁ ଦୁର୍ଗାଶ୍ରୀ ଗଣନାଟ୍ୟ (ଅପେରା) କାର୍ଯ୍ୟକ୍ରମ ହେବ। ଅଞ୍ଚଳବାସୀ ଧନୁଯାତ୍ରା ସହ ଦୁର୍ଗାଶ୍ରୀ ଗଣନାଟ୍ୟ ଦେଖି ଉପଭୋଗ କରିବା ପାଇଁ ଧନୁଯାତ୍ରା କମିଟି ନିବେଦନ କରିଛି।

## ଗଞ୍ଜେଇ ଜବତ, ୨ ଗିରଫ

**ନୂଆପଡ଼ା ଅଫିସ,୧୪।୧୨**

ନୂଆପଡା ଜିଲା ଖଡିଆଳ ଅବକାରୀ ବିଭାଗ ୩୫୩ ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ୧୦ କିଗ୍ରା ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ରାୟଗଡା ଜିଲା ବିଷମକଟକ ଥାନା ସିକାବନ୍ଧା ଗାଁର ସୁଧିର ବାତ୍ରା (୨୧) ଓ ବଡବୁହଡା ଗାଁର ଭାଗୀରଥି କୌଶଲ୍ୟା (୩୮)। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଚୋରା ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଖଡିଆଳ ଅବକାରୀ ବିଭାଗ ଏସଆଇ ଡମ୍ବରୁଧର ହରିଜନଙ୍କ ନେତୃତ୍ୱରେ ଏକ ଦଳ ଚଢାଉ କରି ୧୦ କିଗ୍ରା ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି। ଚଢାଉରେ ମଙ୍ଗଳ ଛତ୍ରିଆ, ସରୋଜ କଟା, ଗିରେନ୍ଦ୍ର କଟା, ଧନରାଜ ଦଣ୍ଡସେନା, ବୈଜୟନ୍ତି ଶବର, ହିଙ୍ଗୁଳା ଦାସ, ଶିବ ଦୁରିଆ, ମଳୟ ମହାଲିଙ୍ଗ ପ୍ରମୁଖ ସାମିଲ ଥିଲେ।

# ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ନୂଆପଡ଼ା ଅଫିସ,୧୪।୧୨**

ଓଡିଶାରେ ଆୟୋଜିତ ହେବାକୁ ଥିବା ହକି ବିଶ୍ୱକପ ୨୦୨୩ ଉପଲକ୍ଷେ ନୂଆପଡା ସଦର ବ୍ଲକ ବିଦ୍ୟାଳୟ ସମୂହ ପକ୍ଷରୁ ବୁଧବାର ଜେଞ୍ଜରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ଶିବପ୍ରସାଦ ବେହେରା, ଅବସରପ୍ରାପ୍ତ ଗୋଷ୍ଠି ସହଶିକ୍ଷା ଅଧିକାରୀ ଯୌବନ ସଲମା, ସମିତି ସଭ୍ୟା କୁନ୍ତି ସାହୁ, ସରପଞ୍ଚ ବୋଧନକର ସାହୁ, ସହଶିକ୍ଷା ଗୋଷ୍ଠି ଶିକ୍ଷା ଅଧିକାରୀ ଚୈତରାମ ନାଏକ, ଉତ୍କଳମଣି ଅଗସ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମାର୍ଚ୍ଚପାଷ୍ଟ ଅଭିବାଦନ ଗ୍ରହଣ କରି ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଅତିଥିବୃନ୍ଦ କ୍ରୀଡା ମାଧ୍ୟମରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତାର ବିକାଶ ହୋଇପାରିବ ବୋଲି ମତପ୍ରକାଶ କରି କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ୧୭ଟି କ୍ଲଷ୍ଟରରୁ ୪୭୮ଜଣ ବାଳିକା ଓ ବାଳକ ପ୍ରତିଯୋଗି ଦୌଡ, ଗୋଲା, ଥାଳିଆ, ବର୍ଚ୍ଛା ଫିଙ୍ଗା, ଲମ୍ଫଡିଆଁ ଓ ଉଚ୍ଚଡିଆଁ ଆଦି ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଗୋକୁଳ ରାମ ଦଣ୍ଡସେନା ଓ ନନ୍ଦଲାଲ ମିତଲ ମଞ୍ଚ ପରିଚାଳନା କରିଥିବା ବେଳେ ମୋହନ ଦୋରା ଧନ୍ୟବାଦ ଦେଇଥିଲେ।

## ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

**ଖଡ଼ିଆଲ,୧୪।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିଥିବା ବେଳେ ନର୍ସରିରୁ ପଞ୍ଚମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରତିଯୋଗିତା ବିଶ୍ୱମ୍ଭର ହଂସ, ମୁନି ପରୁଆ ଓ ଯୋଗଧାନ ମାଝି ପରିଚାଳନା କରିଥିଲେ। ୨ୟ ଦିନର ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ସଭାରେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ମମତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାରିଚାଳିତ ହୋଇଥିବା ବେଳେ ଆଭାଶ୍ରୀ ଠାକୁର, ଚୟନିକା ପଟ୍ଟନାୟକ, ନନ୍ଦିତା ବାଗ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ଏବଂ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ହୋଲେଶ୍ୱର ହଂସ, ରଞ୍ଜିତା ପଟ୍ଟନାୟକ ସୁନିତା ବାଗଙ୍କ ଦ୍ୱାରା ଧନ୍ୟବାଦ ଦିଆଯାଇଥିଲା।

## ଚାଷୀଙ୍କ ପ୍ରକଳ୍ପ ପରିଦର୍ଶନ କଲେ କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ


ଓଡିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ. ସନ୍ତୋଷ କୁମାର ବେଜ ଚାଷୀଙ୍କ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୪।୧୨**

ଓଡିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ. ସନ୍ତୋଷ କୁମାର ବେଜ ବଲାଙ୍ଗୀର ଜିଲା ଗସ୍ତରେ ଆସି ଜିଲା କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏଥିସହ ଜଳନିଧି-୨ ଯୋଜନାରେ ହିତାଧିକାରୀ ଚାଷୀମାନଙ୍କୁ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ପାଇଁ ବିଭିନ୍ନ ଯନ୍ତ୍ରପାତି ବଣ୍ଟନ କରିଥିଲେ। ସରକାରଙ୍କ କୃଷି ଯନ୍ତ୍ରପାତି ରିହାତି ଯୋଜନାରେ ୪ ହିତାଧିକାରୀଙ୍କୁ ଟ୍ରାକ୍ଟର ବଣ୍ଟନ କରାଯାଇଥିଲା। ଜିଲା କୃଷି ଶିଳ୍ପ ନିଗମର ଅଗ୍ରଣୀ ସାର ଡିଲର ପ୍ରେମସୁତ୍ ପ୍ରଧାନ, ଶିବ ବାରିକ, ବିଭୂତି ପଟେଲ ଡ. ବେଜଙ୍କୁ କୃଷି ଶିଳ୍ପ ନିଗମ ମାଧ୍ୟମରେ ଅଧିକରୁ ଅଧିକ ସାର ବ୍ୟବସାୟ କିଭଳି ହେବ ସେ ବିଷୟରେ ଅନୁରୋଧ ରଖିଥିଲେ। ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ ଅଧିକ ହିତାଧିକାରୀ କିପରି ଉପକୃତ ହେବେ ସେ ବିଷୟରେ ଡ. ବେଜ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବେଜ ପୁଇନ୍ତଲା ବ୍ଲକ ଅଙ୍କରିଆପଦର୍ ପଞ୍ଚାୟତର ମୋଟିଝରିଆ ଗ୍ରାମରେ ଏକ ଉଠା ଜଳସେଚନ ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ଏହି ପ୍ରକଳ୍ପରେ ୮ ହିତାଧକାରୀ ଚାଷୀ ଅନ୍ତର୍ଭୁକ୍ତ ଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ୪୦ ଏକରରୁ ଉର୍ଦ୍ଧ୍ୱ ଜମି ଜଳସେଚିତ ହେବ। ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର କୃଷି ଶିଳ୍ପ ନିଗମ କାର୍ଯ୍ୟାଳୟ ପରିଚାଳକ ଇଂ ରମ୍ୟରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ କନିଷ୍ଠ ଯନ୍ତ୍ରୀ ଶୁଭକାନ୍ତ ପ୍ରଧାନ, ଆଲୋକ ବିଶ୍ୱାଳ, ସୁଧୀର ମିଶ୍ର, ପଞ୍ଜିକୃତ ଇଲେକ୍ଟ୍ରିକାଲ କନଟ୍ରାକ୍ଟର, ଟ୍ରାକଟର ସପ୍ଲାୟରଙ୍କ ସହ କାର୍ଯ୍ୟାଳୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ଭତ୍ତା ବୃଦ୍ଧି ଦାବି

**ଭବାନୀପାଟଣା,୧୪।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ସଚେତନତା ମଞ୍ଚ ଓ ସମାଜବାଦୀ ଜନ ମଞ୍ଚ ପକ୍ଷରୁ ବୁଧବାର ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ବୃଦ୍ଧି ଦାବିରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏହି ଅବସରରେ ମାଣିକେଶ୍ୱରୀ ଛକରୁ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଶହଶହ ହିତାଧିକାରୀ ଯୋଗଦେଇଥିଲେ। ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାର ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ଭତ୍ତାକୁ ମାସିକ ୩ ହଜାର ଟଙ୍କା ବୃଦ୍ଧି କରିବା ପାଇଁ ସେମାନେ ଦାବି କରିଛନ୍ତି। ଯଥାଶୀଘ୍ର ଏହି ଦାବିକୁ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛ।

# ୨୧୦ ମଣ୍ଡିରେ ୬.୬୪ ଲକ୍ଷ ୮୬୭ କୁଇଣ୍ଟାଲ ଧାନ କ୍ରୟ

- ଖୋଲିନି ଲାଞ୍ଜିଗଡ ବ୍ଲକର ୩ଟି ମଣ୍ଡି
- କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ

**ଭବାନୀପାଟଣା,୧୪।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଚଳିତ ଖରିଫ ପାଇଁ ଗତ ୧୫ ତାରିଖରୁ ଧାନ ମଣ୍ଡି ଆରମ୍ଭ ହୋଇଛି। ମଙ୍ଗଳବାର ସୁଦ୍ଧା ଜିଲାର ୨୧୦ଟି ମଣ୍ଡିରେ ୬ ଲକ୍ଷ ୬୪ ହଜାର ୮୬୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ଜିଲାର ଅଧିକାଂଶ ମଣ୍ଡି ଖୋଲିବା ବିଳମ୍ବ ହୋଇଥିବା ଯୋଗୁ ଚାଷୀମାନେ ଅଣ୍ଡର ରେଟରେ ଦଲାଲ ହାତକୁ ଟେକି ଦେବାକୁ ବାଧ ହୋଇଛନ୍ତି। ଦଲାଲ ଜରିଆରେ ଚାଷୀଙ୍କ ଧାନ ଏବେ ଛତିଶଗଡ ମୁହାଁ ହେବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶ ଯେ, ଚଳିତବର୍ଷ ରାଜ୍ୟ ସରକାର କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟରେ ୪୧ ଲକ୍ଷ ୯୫ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏଥିରେ ୯୮, ୩୩୭ଜଣ


ଜିଲାର ଏକ ମଣ୍ଡିରେ ଧାନ ସଂଗ୍ରହ ଚାଲିଛି।

ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୧୩ ତାରିଖ ମଙ୍ଗଳବାର ସୁଦ୍ଧା ୧୪ ହଜାର ୨୦୨ଜଣ ଚାଷୀଙ୍କଠାରୁ ୬ ଲକ୍ଷ ୬୪ ହଜାର ୮୬୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଜିଲାରେ ୨୧୩ଟି ମଣ୍ଡି ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଲାଞ୍ଜିଗଡ ବ୍ଲକର ୩ଟି ମଣ୍ଡି ସ୍ଥାନୀୟ ଅଞ୍ଚଳରେ ଧାନ ଚାଷ ବିଳମ୍ବ ଯୋଗୁ ଖୋଲି ନ ଥିବା ଜଣାପଡିଛି। ସେହିପରି ଚଳିତବର୍ଷ ଜିଲାରେ ୩୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରୁଛନ୍ତି। ଜିଲାର କିଛି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଅତି ଦ୍ରୁତ ଗତିରେ ଚାଲୁଥିବାବେଳେ ଆଉ କିଛି ମଣ୍ଡିରେ ବିଭିନ୍ନ କାରଣ ଯୋଗୁ ଧାନ କ୍ରୟ ପ୍ରକ୍ରିୟା ମନ୍ଥର ଭାବେ ଚାଲିଥିବା ଜଣାପଡିଛି। ସେହିପରି ମଣ୍ଡିରେ ଅତିକମ୍‌ରେ ପ୍ରାୟ ୫ କିଗ୍ରା ଧାନ କଟନି ଛଟନି ହେଉଥିବା ଚାଷୀଙ୍କଠୁ ଜଣାପଡିଛି। କଳାହାଣ୍ଡି ଜିଲାର ଧର୍ମଗଡ, କୋକସରା, ଗୋଲାମୁଣ୍ଡା ଆଦି ବ୍ଲକର ବିଭିନ୍ନ ଅଞ୍ଚଳରୁ ଧାନ ଦଲାଲଙ୍କ ଜରିଆରେ ଛତିଶଗଡ ଚାଲିଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୋଣସି ଧରପଗଡ କିମ୍ବା ଚଢାଉ ହୋଇ ନ ଥିବା ଜଣାପଡିଛି।

## ସଂକ୍ଷେପରେ

### କ୍ରିକେଟ ଟୁର୍ନାମେଣ୍ଟ: ମହଦା ଚାମ୍ପିୟନ

**ବରପାଲି, ୧୪।୧୨(ଡି.ଏନ.ଏ.):** ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ-୨୩ ଆୟୋଜନ ଅବସରରେ ବୁଧବାର ବରଗଡ ଜିଲା ବରପାଲି ବ୍ଲକ ମହଦା ପଞ୍ଚାୟତ ଆନୁକୂଲ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମହଦା ଓ ଚାରମୁଣ୍ଡା ମଧରେ ହୋଇଥଇଲା। ଏଥିରେ ମହଦା ବିଜୟୀ ହୋଇଥିଲା। ଏହି ଅବସରରେ ବରପାଲି ବ୍ଲକ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାଣ୍ଡେ, ମହଦା ସରପଞ୍ଚ ତପସ୍ୱିନୀ ସାହୁ, ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବିରୋସନ ସାହୁ, ଇଓ ବିଧାନ ଚରଣ ସାହୁ, ବିଜୁ ଛାତ୍ର ଜନତା ଦଳ ବରପାଲି ବ୍ଲକ ସଭାପତି ଅକ୍ଷୟ ଗଡତିଆ, ଭୋଳା ସାହୁ, ପତିତ ବିଶ୍ୱାଳ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

### ଡଷ୍ଟବିନ ବଣ୍ଟନ କଲେ ସ୍ୱେଚ୍ଛାସେବୀ

**ଜାମଟିକ୍ରା,୧୪।୧୨(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ଅଞ୍ଚଳକୁ ସଫାସୁତୁରା ରଖିବା ଏବଂ ସ୍ୱଚ୍ଛତା ନେଇ ଲୋକଙ୍କୁ ସଚେତନ କରିବା ପାଇଁ ବୁଧବାର ଲାୟନ୍ସ କ୍ଲବ ଓ ଲିଓ କ୍ଲବ ସଦସ୍ୟମାନେ ସଚେତନ କରିଥିଲେ। ଦୋକାନ ବଜାର, ଗୋଡଭଗା କଲେଜ, ଗୋଡଭଗା ସରସ୍ୱତୀ ଶିଶୁ ମନ୍ଦିର ଆଦି ସ୍ଥାନରେ ଉଭୟ ସଂଗଠନ ପକ୍ଷରୁ ୪୦ଟି ଡଷ୍ଟବିନ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟ କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ସଭାପତି ସତୀଶ ଦାସ, ସଦସ୍ୟ ଦେବବ୍ରତ ରଥ, ମନୋଜ ଶର୍ମା, ସମ୍ପାଦକ ସାଇ ଆନନ୍ଦ ବିଶ୍ୱାଳ, ସୁଧିର ଦାସ, ପ୍ରଦୀପ କର୍ଣ୍ଣ, ଜିଲା ଲିଓ କ୍ଲବ ଉପସଭାପତି ରୋନକ ଅଗ୍ରୱାଲ, ଲିଓ କ୍ଲବ ସଭାପତି ବେଦପ୍ରକାଶ ଛନ୍ଦ, ସମ୍ପାଦକ ରାଜେଶ ବାଙ୍କା ପ୍ରମୁଖ ସହଯୋଗ କରିଥିଲେ।

### ଏକଦିବସୀୟ ଫୁଟବଲ: ଗର୍ଭଣା ଚାମ୍ପିୟନ

**ବରଗଡ଼ ଅଫିସ୍,୧୪।୧୨:** ବରଗଡ଼ ସହର ଉପକଣ୍ଠ ନାଗେନପାଲିରେ ବୁଧବାର ସ୍ଥାନୀୟ ଶହୀଦ ଯୁବକ ସଂଘ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯେଗିତାରେ ୮ଦଳ ଅଂଶଗ୍ରହଣ କରିଥିଲେ। ଗର୍ଭଣା ଏବଂ ଦଶମାଇଲ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚରେ ଗର୍ଭଣା ଦଳ ୧-୦ ଗୋଲରେ ପ୍ରତିପକ୍ଷକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶୁଭେନ୍ଦୁ କୁମାର ସାହୁ, ସୁଶାନ୍ତ କୁମାର ବିଶ୍ୱାଳ ଅତିଥିଭାବେ ଯୋଗଦେଇ କୃତୀଦଳକୁ ପୁରସ୍କୃତ କରିଥିଲେ। ଧନପତି ପାତ୍ର, ମନୋରଞ୍ଜନ ବିଶ୍ୱାଳ, ସୁଢ଼ଳ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟତିଥି ପାଳନ



ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଘନଶ୍ୟାମ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

**ବରଗଡ଼ ଅଫିସ୍,୧୪।୧୨:** ବରଗଡ଼ ଜିଲା ମାନପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ୫୬ତମ ପୁଣ୍ୟତିଥି ପାଳନ କରାଯାଇଛି। ଏହି ଅବସରରେ ପ୍ରେରଣା, ଶିକ୍ଷା ଓ ସାମାଜିକ ଟ୍ରଷ୍ଟ ପକ୍ଷରୁ ବରଗଡ଼ ସହରରେ ରହିଥିବା ସ୍ୱର୍ଗତ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡା. ଅର୍ଜୁନ ମେହେର ମୁଖ୍ୟଅତିଥି, ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। ବିଦ୍ୟୁତ ଦାଶ, ଗୋପବନ୍ଧୁ ସାହୁ, ରବି ନାରାୟଣ ଦାଶ, ପ୍ରଶାନ୍ତ କୁମାର ପ୍ରଧାନ, ଭଗବାନ ଜେନା, ନାରାୟଣ ମେହେର, ପ୍ରହଲ୍ଲାଦ ଭେସ୍ରା, ସଞ୍ଜୟ ମିଶ୍ର, ମିହିର ପଣ୍ଡା, କଲ୍ୟାଣୀ ମିଶ୍ର, ପ୍ରତାପ ପଟ୍ଟନାୟକ, ନେତ୍ରାନନ୍ଦ ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ସଞ୍ଜିତ୍ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜ୍ୟୋତ୍ସ୍ନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମିଲର୍ସଙ୍କ ମର୍ଜିରେ ଧାନକିଣା

**ପଦ୍ମପୁର, ୧୪।୧୨(ଡି.ଏନ.ଏ.)**

**ପଦ୍ମପୁର ଉପଖଣ୍ଡ**
- ମଣ୍ଡିରେ ପଡିଛି ୬ ଲକ୍ଷ ୨୬ହଜାର ପ୍ୟାକେଟ ଧାନ
- ଉଠାଣ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦିଆଯାଇଛି: ଉପଜିଲାପାଳ

ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ନଭେମ୍ବର ୨୧ତାରିଖରେ ମଣ୍ଡି ଖୋଲିଥିଲା। ଆଶା କରାଯାଉଥିଲା ଖରିଫ ଧାନ କିଣାବିକା ସୁରୁଖୁରୁରେ ହେବ। ଚାଷୀ ହଇରାଣ ହେବେନାହିଁ। ହେଲେ ବର୍ତ୍ତମାନ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ପଦ୍ମପୁର ଉପଖଣ୍ଡର ରାଜବୋଡାସମ୍ବର ବ୍ଲକର ୧୭ମଣ୍ଡି, ପାଇକମାଳ ବ୍ଲକର ୧୫, ଝାରବନ୍ଧ ସୋହେଲା, ଗାଇସିଲେଟ ଓ ବିଜେପୁର ବ୍ଲକର ୧୨ଟି ଲେଖାଏ ମଣ୍ଡିରେ ଲକ୍ଷାଧିକ ବସ୍ତା ଧାନ ଖୋଲା ଆକାଶ ତଳେ ପଡିରହିଛି। ମିଲର୍ସ ଧାନ ଠିକଣା ଭାବେ ଉଠାଉ ନାହାନ୍ତି। ପ୍ରଶାସନ ବି ଏଥିପ୍ରତି ନଜର ପକାଉନାହିଁ। କେବଳ ଫାଇଲ ଭିତରେ ଧାନ କିଣାବିକା ସୁରୁଖୁରୁରେ ଚାଲିଥିବା ଦର୍ଶାଯାଇଛି।



ସତୀଭଟା ମଣ୍ଡିରେ ଗଦା ହୋଇ ରହିଥିବା ଧାନ।

ଉପଖଣ୍ଡର ୧୮ଟି ମାର୍କେଟ ୟାଡ ଓ ୬୩ଟି ପିପିସି ଏହିପରି ମୋଟ ୮୧କେନ୍ଦ୍ରରେ ଧାନ କିଣାବିକା ଚାଲିଛି। ସରକାରୀ ସୂଚନା ମୁତାବକ ସୁଦ୍ଧା ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ୬ ଲକ୍ଷ ୨୬ହଜାର ୫୪୧ ପ୍ୟାକେଟ ଧାନ ପଡି ରହିଛି। ବିଶେଷ କରି ପାଇକମାଳ ଓ ଝାରବନ୍ଧ ବ୍ଲକ ଅଞ୍ଚଳର ମଣ୍ଡିରେ ଅଧିକ ପରିମାଣରେ ଧାନ ଜମା ହୋଇ ରହିଛି। ପଦ୍ମପୁର ବ୍ଲକର ସର୍ଗିବାହାଲ, ପାଇକମାଳ ବ୍ଲକର ଜାମସେଟ, ଝିଁଟିକି, ଲଖମରା, ପାଇକମାଳ, ଧାରୋଲ, ଝାରବନ୍ଧ ବ୍ଲକର ଲଡଡିଧର୍ହା, ଡଭା, ଓ ଝାରବନ୍ଧ ୟାର୍ଡରେ ୧୫ ହଜାରରୁ ୨୫ ହଜାର ବସ୍ତା ଧାନ ଗଦା ହୋଇଛି। ଏ ସମ୍ପର୍କରେ ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଧାନ ଉଠାଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମିଲର୍ସମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ଯେପରି ଠିକ୍‌ଭାବେ ଧାନ ବିକ୍ରି କରିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି କହିଛନ୍ତି।

## ଆସାମରେ ବରଗଡ଼ ପ୍ରତିଯୋଗୀଙ୍କ ସଫଳତା

**ବରଗଡ଼ ଅଫିସ୍,୧୪।୧୨**

ଆସାମର ଗୌହାଟୀରେ ଅନୁଷ୍ଠିତ ସିବିଏସଇ କ୍ଲଷ୍ଟର ଫାର୍ ଇଷ୍ଟ ଜୋନ ଟୁର୍ନାମେଣ୍ଟ-୨୨ର ଦ୍ୱିଦିବସୀୟ କ୍ୟୁରାଗି ପ୍ରତିଯୋଗିତାରେ ବରଗଡ଼ ଜିଲାର ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ ସାଇ କୌଶିକ ବାଙ୍କ(୧୭) ସ୍ୱର୍ଣ୍ଣ, ଓଁଶ୍ରୀତା ରଥ(୧୪) ରୌପ୍ୟ, ରୋନିତ ତାଣ୍ଡି(୧୪) ଓ ଆକାଂକ୍ଷା ସାହୁ(୧୪) ବ୍ରୋଞ୍ଜ ପଦକ ପାଇଛନ୍ତି। ବୁଧବାର କୃତୀ ପ୍ରତିଯୋଗୀମାନେ ବରଗଡ଼ ରେଲଷ୍ଟେଶନ ପହଞ୍ଚିବା ପରେ ଟାଏକୋଣ୍ଡୋ ଆସୋସିଏଶନ ଜିଲା ସଭାପତି ନବକିଶୋର ପାଣିଗ୍ରାହୀ କୃତୀ ପ୍ରତିଯୋଗୀଙ୍କ ସମେତ କୋଚ୍ ବିଜୟ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଶୁତୋଷ ରଥ, ରାଜଶ୍ରୀ ବର୍ଗଡ଼, ଶ୍ରୀୟା ମିଶ୍ର, ନିରଜ ବାଙ୍କ, କମଳ ତାଣ୍ଡି, ଟୋନି ସାହୁ, ପ୍ରିୟା ତାଣ୍ଡି, ବିକି ରଥ, ରିଙ୍କୁ ବର୍ଗଡ଼, ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ରେଲଷ୍ଟେଶନରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସଫେଇ କର୍ମଚାରୀଙ୍କୁ ମିଳୁନି ଦରମା

**ପୌର କାର୍ଯ୍ୟାଳୟରେ ତାଲା ପକାଇଲେ**

**ବରଗଡ଼ ଅଫିସ୍,୧୪।୧୨**

ବରଗଡ଼ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ନିୟମିତ ଦରମା ମିଳୁନାହିଁ। ଏହାକୁ ନେଇ ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ସଫେଇ କର୍ମଚାରୀମାନେ ମୁଖ୍ୟ ଫାଟକରେ ତାଲା ପକାଇ ପୌର କାର୍ଯ୍ୟାଳୟକୁ ଅଚଳ କରି ଦେଇଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପୌରାଧ୍ୟକ୍ଷା କଳ୍ପନା ମାଝି, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ପହଞ୍ଚି ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ସଫେଇ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦରମା ମିଳିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସଫେଇ କର୍ମଚାରୀମାନେ ମୁଖ୍ୟ ଫାଟକରୁ ତାଲା ଖୋଲିଥିଲେ ଏବଂ ପୌର କାର୍ଯ୍ୟାଳୟରେ ସବୁ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



ସଫେଇ କର୍ମଚାରୀମାନେ ପୌର କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସଫେଇ କର୍ମଚାରୀ ସବୁଦିନ ସହରରେ ସଫେଇ କାର୍ଯ୍ୟ ସୁଚାରୁଭାବେ ସମ୍ପାଦନ କରି ଆସୁଛନ୍ତି। କିନ୍ତୁ ସେମାନଙ୍କୁ ନିୟମିତ ଦରମା ମିଳୁନାହିଁ। ଗତ ୩ମାସ ହେଲା ସେମାନଙ୍କୁ ଦରମା ମିଳିନାହିଁ। ଏଥିଯୋଗୁ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡୁଛି। ଦରମା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ହେଁ ସେମାନେ ଦିନ ଗଡ଼ାଇ ଚାଲୁଥିବା ସଫେଇ କର୍ମଚାରୀମାନେ ଅଭିଯୋଗ କରୁଛନ୍ତି। ପୂର୍ବରୁ ପ୍ରତିମାସ ପ୍ରଥମ ସପ୍ତାହରେ ଦରମା ମିଳିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମସ୍ୟା ଦୂରୀଭୂତ ହୋଇନାହିଁ। ପୂର୍ଣ୍ଣିମା ବାଗ, ଜୟଶ୍ରୀ ସୁନାଙ୍କ ସମେତ ଅନେକ ସଫେଇ କର୍ମଚାରୀ ଆନ୍ଦୋଳନରେ ସାମିଲ ଥିଲେ। ଆନ୍ଦୋଳନସ୍ଥଳକୁ ଏସ୍‌ଡ଼ିପିଓ ଅମ୍ରିତ କୁମାର ପଣ୍ଡା ପହଞ୍ଚି ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

# ୧.୬୭ କୋଟିରେ ଜମି ଆବଣ୍ଟନ

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

**ବରଗଡ଼ ଅଫିସ୍,୧୪।୧୨**

ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ଜମି ଆବଣ୍ଟନ କମିଟି ତରଫରୁ ଆହ୍ୱାନ କରାଇଥିବା ଟେଣ୍ଡର ସମ୍ପର୍କିତ ସୂଚନା ପ୍ରକାଶ ପାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସୂଚନାକ୍ରମେ ଏହି ପ୍ରକ୍ରିୟାରେ ୨୮ଟେଣ୍ଡର ଫର୍ମ ବିକ୍ରି ହୋଇଥିଲା। ୧୮ଜଣ ଏଥିରେ ଅଂଶଗ୍ରହଣ କରିଥିବାବେଳେ ୬ଜଣ ପୃଥକଭାବେ ନିଲାମ ପାଇଛନ୍ତି। ଏଥିରେ ସମୁଦାୟ ୧କୋଟି ୬୭ଲକ୍ଷ ୨୬ହଜାର ୬୭୩ ଟଙ୍କାର ନିଲାମ ହୋଇଛି।

ସୁଶାନ୍ତ ସାହୁ ଫୁଡ୍ ଫେଷ୍ଟ ପାଇଁ ୧୭ଲକ୍ଷ ୫୨ହଜାର, ମଣ୍ଡଳ ବାଗ ଷ୍ଟେଟବ୍ୟାଙ୍କ ନିକଟରେ ଛୋଟ ଦୋକାନ ପାଇଁ ୨୫ଲକ୍ଷ ୬୪୬, ସୁନୀଲ ପଣ୍ଡା ଫୁଟ୍‌ପାଥ୍ ଦୋକାନ ପାଇଁ ୫ଲକ୍ଷ ୪୨ହଜାର ୮୦୦, ଏସ.କେ ନିଜାମୁଦ୍ଦିନ ଓ ଏମଡ଼ି ବବଲୁ ଝୁଲା(ମହାରାଜା ଗଳି) ପାଇଁ ୨୬ଲକ୍ଷ ୫୩୨, ଝୁଲା(ଖଜୁରଟିକ୍ରା) ପାଇଁ ୨୧ଲକ୍ଷ ୭୧ହଜାର ୭୮୬, ଠେଲା ପାଇଁ ୭ଲକ୍ଷ ୮୧ହଜାର ୭୮୬, ଟ୍ରେଡ଼ ଫେୟାର ପାଇଁ ୩୭ଲକ୍ଷ ୫୧ହଜାର ୭୮୬, ଶେଖ୍ ସରୱର ମୀନାବଜାର ପାଇଁ ୨୬ଲକ୍ଷ, ଚନ୍ଦନ ମହାପାତ୍ର ବୀର ସୁରେନ୍ଦ୍ର ସାଏ ଷ୍ଟେଚ୍ୟୁ ନିକଟ ପାର୍କିଂ ସ୍ଥାନ ପାଇଁ ୨୫ହଜାର ୪୩୭ ଟଙ୍କାରେ ନିଲାମ ନେଇଥିବା ସୂଚନା ଦିଆଯାଇଛି ।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଜାମଟିକ୍ରା, ୧୪।୧୨(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ବ୍ଲକ କାଦୋବାହାଲ ପଞ୍ଚାୟତ ଓ ଚମ୍ପେଶ୍ୱରୀ କ୍ରୀଡା ସଂଘ ମିଳିତ ଆନୁକୂଲ୍ୟରେ କାଦୋବାହାଲ ହାଇସ୍କୁଲ ପଡିଆରେ ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଡ଼ଭଗାଠାରୁ କାଦୋବାହାଲ ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ୧୨କିମି ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏହାକୁ ଗୋଡ଼ଭାଗା ଫାଣ୍ଡି ଅଧିକାରୀ ବିପିନ ବାଗ ଫିତାକାଟି ଉଦ୍‌ଘାଟନ କରିଥିଲେ। ପରେ ହାଇସ୍କୁଲ ପଡିଆରେ ବାଳକ ବାଳିକାମାନଙ୍କୁ ନେଇ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ କାଦୋବାହାଲ ପୂର୍ବତନ ଖେଳଶିକ୍ଷକ ଭୁବନେଶ୍ୱର ମହାକୁଡ଼, ଜାତୀୟ କୋଚ ଶିବ ପ୍ରସାଦ ମିଶ୍ର, କାଦୋବାହାଲ ସରପଞ୍ଚ ଗିରିଧାରୀ ପଧାନ, ଅତାବିରା ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ନନ୍ଦ, ଅନ୍ତର୍ଜାତୀୟ ପର୍ବତାରୋହୀ କୁମାରୀ ଲିପିକା ସେଟ, କାଦୋବାହାଲ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ଦାଶ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ସମ୍ମାନୀତ ଅତିଥି ଅତିରିକ୍ତ ବିଡିଓ ଗିରିନ୍ଦ୍ର ସାହୁ, ଅତାବିରା ଥାନା ଭାରପ୍ରାପ୍ତ ଅଧିକାରୀ ଅନିଲ ପଧାନ, ଗୋଡଭଗା ଫାଣ୍ଡି ଅଧିକାରୀ ବିପିନ ବାଗ, ସହକାରୀ ଯନ୍ତ୍ରୀ ରାକେଶ ସାହୁ, କାଦୋବାହାଲ ଷ୍ଟେଟବ୍ୟାଙ୍କର ନାରାୟଣ ଭୋଇ, ପାକ୍ସ ସଭାପତି ଗୋଲୀ ରାଜୁ, ପରିଦର୍ଶିକା ରେଣୁବାଳା ତ୍ରିପାଠୀ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ବର୍ଗର କବାଡି ପ୍ରତିଯୋଗିତା ହୋଇଥିଲା। ପୁରୁଷ ବର୍ଗ ଗଣଦୌଡ଼ରେ ଠେମରା ସମ୍ବଲପୁରର ଆକାଶ ମିର୍ଦ୍ଧା ଏବଂ ମହିଳା ବର୍ଗରେ ନମିତା ପଧାନ (ବରଗଡ଼)ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ସଭାରେ ପୂର୍ବତନ ଖେଳ ଶିକ୍ଷକ ଆଶୁତୋଷ ଦେ ଓ ଭୁବନେଶ୍ୱର ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଂସ୍କାର ସ୍କୁଲରେ ମାତୃ, ପିତୃ ପୂଜନୋତ୍ସବ



ମାତୃ,ପିତୃ ପୂଜନୋତ୍ସବରେ ସ୍ୱାମୀ ତୂରୀୟାନନ୍ଦ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଉଛନ୍ତି ।

**ବରଗଡ଼ ଅଫିସ୍,୧୪।୧୨**

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ମାତୃ,ପିତୃ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓଡ଼ିଆଙ୍କ ଜନ୍ମଦିନ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ ସଭାପତି ତଥା ଲଳିତ ପଞ୍ଚୟତନ ମନ୍ଦିର, କଡ଼ପା, ଆନ୍ଧ୍ରପ୍ରଦେଶର ସଭାପତି ସ୍ୱାମୀ ତୂରୀୟାନନ୍ଦ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ସେ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମା', ବାପା ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜ ମା, ବାପାଙ୍କ ପଦଧୌତ ସହିତ ମାତୃପିତୃ ପୂଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ ସୁମନ ସାଓଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାଓଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ବବିତା ସାଓଡ଼ିଆ, ସିଦ୍ଧାର୍ଥ ସାଓଡ଼ିଆ, ସୀମା ସାହୁ, ରୀତା ନାୟକ, ମମତା ସିହ୍ନା, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାଙ୍କ ସମେତ ଛାତ୍ରୀଛାତ୍ର, ଅଭିଭାବିକା, ଅଭିଭାବକମାନେ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଅତାବିରା,୧୪।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଗୋଡ଼ଭଗା ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗିରିନ୍ଦ୍ର ସାହୁ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ସେଠ, ନାଏବ ସରପଞ୍ଚ ପଙ୍କଜିନୀ ବାଗ, ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୋତିଲା ବନଛୋର ପ୍ରମୁଖ ମଞ୍ଚାସୀନ ଥିଲେ। ରମେଶ ଛନ୍ଦ, ଶୁଭଶ୍ରୀ କର, ସରୋଜ ସେଠ, ନିହିତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସ୍ଥାନୀୟ ଜୁବିଲି ଗାର୍ଲସ ହାଇସ୍କୁଲ, ଗୋଡ଼ଭଗା ଜନତା ହାଇସ୍କୁଲ, ଗୋଡ଼ଭଗା ଖଡ଼ିଆପଡ଼ା ଉଚ୍ଚ ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠି(ଏସଏଚଜି) ସଦସ୍ୟାଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଖେଳ ହୋଇଥିଲା। ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଯମୁନା କଲତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆବାସ ଯୋଜନାର ହିତଧାରକ କର୍ମଶାଳା

**ବରଗଡ଼ ଅଫିସ୍,୧୪।୧୨**

ବରଗଡ଼ ପୌର ପରିଷଦରେ କାର୍ଯ୍ୟକାରୀ ହୋଇଥିବା ସମସ୍ତଙ୍କ ପାଇଁ ଗୃହ(ପ୍ରଧାନମନ୍ତ୍ରୀ ଆବାସ ଯୋଜନା)ର ସାମାଜିକ ସମୀକ୍ଷା ତଥା ହିତଧାରକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝି ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସାମାଜିକ ସମୀକ୍ଷା ହୋଇଥିଲା। କାର୍ଯ୍ୟକ୍ରମରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଯନ୍ତ୍ରୀ ସୁନିଲ କୁମାର ମହାପାତ୍ର, ସିଏଲଟିସି ସତ୍ୟବ୍ରତ ଦାଶ, ଏମଆଇଏସ୍ ପ୍ରତିଭା ମୁଗ୍ରୀ, ଅମିନ ସୁଧିର କୁମାର ବେହେରା, ୱାର୍କ୍ସ ସରକାର ଗୋବିନ୍ଦ ସାହୁ, ପ୍ରେମାନନ୍ଦ ବେଉରା, ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମୀକ୍ଷା ପାଇଁ କମିଟି, ଉପକମିଟି ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର କାଉନସିଲର, ହିତାଧିକାରୀ, ସାମାଜିକ ସଂଗଠନର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।




କର୍ମଶାଳାରେ ପୌରାଧ୍ୟକ୍ଷା ଏବଂ ଅନ୍ୟମାନେ ।

# ଜିଲାପାଳ ଅଫିସ ଆଗରେ ଆଶାକର୍ମୀଙ୍କ ବିକ୍ଷୋଭ

**ବରଗଡ଼ ଅଫିସ୍,୧୪।୧୨**

ଆଶାକର୍ମୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ଭାରତୀୟ ମଜଦୁର ସଂଘ ସହବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ଆଶାକର୍ମୀମାନେ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିଲେ। ସେହିପରି ୭ଦଫା ଦାବିରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ବାରମ୍ବାର ଦାବିସତ୍ତ୍ୱେ ଉଭୟ ରାଜ୍ୟ, କେନ୍ଦ୍ର ସରକାର ଆଶାକର୍ମୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ସେମାନଙ୍କୁ ୨୪ଘଣ୍ଟା କାମରେ ଲଗାଯାଉଛି। ମାତ୍ର ସର୍ବନିମ୍ନ ମଜୁରି ମିଳୁ ନ ଥିବା ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି। ସେହିପରି ଆଶାକର୍ମୀଙ୍କୁ ଡାକ୍ତରଖାନାରେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳିସ୍ଥଳେ ଆଶାକର୍ମୀ ସଂଘ ୭ଦଫା ଦାବି କରିଛି। ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା, ମାସିକ ସର୍ବନିମ୍ନ ୧୮ହଜାର ଟଙ୍କା ବେତନ, ସାମାଜିକ ସୁରକ୍ଷା ଅନ୍ତର୍ଗତ ଗ୍ରାଚ୍ୟୁଇଟି ଇପିଏଫଓ, ଇଏସଆଇସି ଲାଗୁ କରାଯିବା, ଅବସରଗ୍ରହଣ କରୁଥିବା ଆଶାକର୍ମୀମାନଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି, ମାସିକ ୫ହଜାର ଟଙ୍କା ପେନସନ ଦାବି ହୋଇଛି। ସେହିପରି ଯୋଗ୍ୟ ଆଶାକର୍ମୀଙ୍କୁ ଏଏନଏମ ପଦବୀକୁ ପଦୋନ୍ନତି, ଆକସ୍ମିକ ମୃତ୍ୟୁରେ ୧୦ଲକ୍ଷ ଟଙ୍କାର ସହାୟତା, ପରିବାର ଜଣକୁ ସରକାରୀ ଚାକିରି ଏବଂ କରୋନାରେ ମୃତ ଆଶାକର୍ମୀଙ୍କ ପରିବାର ଲୋକଙ୍କୁ ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମଧ୍ୟ ସଂଘ ଦାବି କରିଛି। ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ମାଲକାନଗିରି ଜିଲା ସଭାନେତ୍ରୀ ସୁଷମା ବାରିକଙ୍କ ନେତୃତ୍ୱରେ ରାଜ୍ୟ ସଭାନେତ୍ରୀ ମମତା ମହାନ୍ତି, ସାଧାରଣ ସମ୍ପାଦିକା କମଳା ବେହେରା, ଉପସଭାନେତ୍ରୀ କନିକା ମଲ୍ଲିକ, ବରଗଡ଼ ଜିଲା ସଭାନେତ୍ରୀ ଗୌରୀ ଖଟେଇ, କୋଷାଧ୍ୟକ୍ଷା ନିରୁପମା ସାହୁ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ । ଜିଲାର ପ୍ରତ୍ୟେକ ବ୍ଲକର ଆଶାକର୍ମୀମାନେ ଏଥିରେ ସାମିଲ ହୋଇଥିଲେ।



ବରଗଡ଼ ଜିଲାପାଳ ଅଫିସ ଆଗରେ ଆଶାକର୍ମୀଙ୍କ ଧାରଣା।

## ସଂକ୍ଷେପରେ

### ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୪।୧୨ (ବ୍ୟୁରୋ): ସମ୍ବଲପୁର ଲୋକ ମହୋତ୍ସବ ପାଳନ ପାଇଁ ଜିଲା ପ୍ରଶାସନ ଓ ଆୟୋଜକ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଲୋକ ମହୋତ୍ସବ ସଂଯୋଜକ, ସବୁ ବିଭାଗର ଆବାହକଙ୍କ ସମେତ ନୋଡାଲ ଅଧିକାରୀମାନେ ସାମିଲ ହୋଇଥିଲେ। ଆସନ୍ତା ଜାନୁୟାରୀ ୧୪ରେ ଲୋକ ମହୋତ୍ସବ ଆୟୋଜନ କରାଯିବା ନେଇ ଆଲୋଚନା ହୋଇଥିଲା। ୧୯୯୭ରେ ସମ୍ବଲପୁରରେ ପ୍ରଥମ ଲୋକ ମହୋତ୍ସବ ଆରମ୍ଭ ହୋଇଥିଲା। ଚଳିତବର୍ଷ ବିର୍ସା ମଇଦାନରେ ଲୋକ ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଉଛି। ହକି ବିଶ୍ୱକପ ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ। ମହୋତ୍ସବରେ ଜାତୀୟ ଓ ରାଜ୍ୟସ୍ତରୀୟ ଲୋକ ନୃତ୍ୟ ଦଳ ସାମିଲ ହେବେ। ଜିଲାପାଳ ସବୁ କମିଟିର ସହଯୋଗ ଓ ସମନ୍ୱୟ ରକ୍ଷା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକ ମହୋତ୍ସବ ୨୦୨୩ର ମୁଖ୍ୟ ନୋଡାଲ ଅଧିକାରୀ ପ୍ରଦୀପ ସାହୁ ଏବଂ ସହ ନୋଡାଲ ଅଧିକାରୀ ପ୍ରଭାସ ଡନସନା, ବିଭିନ୍ନ କମିଟିର ଆବାହକ, ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଦିପକ କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ନାକଟିଦେଉଳ,୧୪।୧୨(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ଖେଳପଡ଼ିଆରେ ବୁଧବାର ବାଟଗାଁ ପଞ୍ଚାୟତସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ବାଟଗାଁ ବରିଷ୍ଠ ଦଳ ଓ କନିଷ୍ଠ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ବରିଷ୍ଠ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ବାଟଗାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଫିରୋଜ ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସରପଞ୍ଚ ସୌଦାମିନୀ ବେହେରା ମୁଖ୍ୟଅତିଥି ଓ ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବାଟଗାଁ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଭବରଞ୍ଜନ ଧଳ ଓ ବାଟଗାଁର ଯାଦବ ଦେହୁରି ମ୍ୟାଚ ପରିଚାଳନା କରିଥିଲେ।

### ଡିଗ୍ରୀ କଲେଜରେ ରୌପ୍ୟଜୟନ୍ତୀ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୧୪।୧୨(ଡି.ଏନ.ଏ.): ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ରୌପ୍ୟଜୟନ୍ତୀ ପାଳନ ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଦୟା ସାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଲେଜର ପ୍ରତିଷ୍ଠାତା ସଭାପତି ସଜନ କୁମାର ଖଣ୍ଡେଲୱାଲ, ପ୍ରତିଷ୍ଠାତା ଅଧକ୍ଷ ଘାସିରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟନ୍ତୀ ଉତ୍ସବ ଆଡମ୍ବର ସହକାରେ ପାଳନ କରିବାକୁ ମତ ପୋଷଣ କରିଥିଲେ। ଜାନୁୟାରୀ ୬, ୭ ଓ ୮ ତାରିଖ ତିନିଦିନ ଧରି ଏହି ଜୟନ୍ତୀ ଉତ୍ସବ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ କଲେଜର ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ରୋପ୍ୟ ଜୟନ୍ତୀକୁ ସଫଳ କରିବା ସକାଶେ ବିଭିନ୍ନ ବିଭାଗର ଦାୟିତ୍ୱ ନେଇଥିଲେ। ଡିସେମ୍ବର ୧୬ରେ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ବୈଠକ ଆୟୋଜନ କରିବା ପାଇଁ ସ୍ଥିରୀକୃତ ହୋଇଛି।

### ଦୁର୍ଗାପୂଜା କମିଟି ପକ୍ଷରୁ ସ୍କୁଲକୁ ସହାୟତା

ଝାରସୁଗୁଡ଼ା ଅଫିସ,୧୪।୧୨: ଝାରସୁଗୁଡ଼ା ଟାଉନ ଦୁର୍ଗାପୂଜା କମିଟି ତରଫରୁ ମୋ ସ୍କୁଲ ଯୋଜନାରେ ମନମୋହନ ଏମ୍‌ଇ ସ୍କୁଲର ଉନ୍ନତି ନିମନ୍ତେ ୧୦,୦୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ପଟେଲ, ମୋ ସ୍କୁଲ ଅଭିଯାନର ସଭାପତି ତୁଳସୀ ପ୍ରସାଦ ଦାଶ, ସଦସ୍ୟ ଜୟ ପ୍ରକାଶ କୁଅଁର ଉପସ୍ଥିତ ରହି ଚେକ୍ ଗ୍ରହଣ କରିଥିଲେ। ଦୁର୍ଗାପୂଜା କମିଟି ସମ୍ପାଦକ ସିଦ୍ଧାର୍ଥ ସରକାର, ସଦସ୍ୟ ଶରତ ତ୍ରିପାଠୀ, ଶଶୀଭୂଷଣ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକ ମୃତ: ମିଲ୍ ମାଲିକଙ୍କ ନାମରେ ମାମଲା

**ରାଇସ ମିଲ୍‌ରେ ଆତ୍ମାହୁତି ଘଟଣା**

**ରାଜ୍ୟ ପ୍ରଦୂଷଣ ବୋର୍ଡ ପଦକ୍ଷେପକୁ ଅପେକ୍ଷା**

ସମ୍ବଲପୁର/ସରଣ୍ଡା,୧୪।୧୨ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ଗୋଡଭଗା କର୍ଣ୍ଣପାଲି ଗ୍ରାମ ନିକଟ ଶ୍ରୀରାମ ରାଇସ୍‌ମିଲ୍ ଭିତରେ ଗତ ସୋମବାର ସ୍ଥାନୀୟ ଅଞ୍ଚଳର ଯୁବକ ଗୁଣମଣି ଅମାତ (୪୫) ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ୨ ଦିନ ପରେ ବୁଧବାର ସନ୍ଧ୍ୟା ସାଢେ ୬ଟାରେ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ନେଇ ପୋଲିସ ମିଲ୍ ମାଲିକ ବିକାଶ ଅଗ୍ରୱାଲାଙ୍କୁ ଦାୟୀ କରି ତାଙ୍କ ନାମରେ ମାମଲା (ନଂ.୬୩୭/୨୨) ରୁଜୁ କରିଛି। ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ଗ୍ରାମକୁ ମୃତଦେହ ଅଣାଯିବ ବୋଲି ଜଣାପଡିଛି। ମିଲ ଯୋଗୁ ହେଉଥିବା ପ୍ରଦୂଷଣକୁ ବିରୋଧ କରି ଶେଷରେ ଗୁଣମଣିଙ୍କୁ ଜୀବନ ହାରିବାକୁ ପଡିଛି।

ସୂଚନାଯୋଗ୍ୟ, ଗୁଣମଣି ମିଲ ପାଖରେ ପରିବାର ସହ ବହୁ ବର୍ଷ ହେବ ରହୁଥିଲେ। ହେଲେ ରାଇସ୍ ମିଲରୁ ନିର୍ଗତ ଧୂଆଁ, ଦୂଷିତ ପାଣି ଓ ଦୁର୍ଗନ୍ଧ ଯୋଗୁ ରହିବା କଷ୍ଟକର ହୋଇପଡିଥିଲା। କେବଳ ଗୁଣମଣି ନୁହେଁ ଅନ୍ୟ ପରିବାର ମଧ୍ୟ ଏ ନେଇ ସ୍ୱର ଉତ୍ତୋଳନ କରିଆସୁଥିଲେ। ରାଜ୍ୟ ପ୍ରଦୂଷଣ ବୋର୍ଡ, ପ୍ରଶାସନ ଓ ମିଲ ମାଲିକଙ୍କ ନିକଟରେ ବାରମ୍ବାର ଅଭିଯୋଗ ମଧ୍ୟ କରିଥିଲେ। ହେଲେ କେହି ଶୁଣି ନ ଥିଲେ । ଗତ ୧୨ ତାରିଖରେ ଗୁଣମଣି ମିଲ ଭିତରକୁ ପ୍ରବେଶ କରି ସେଠାରେ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଦେହରେ କିରୋସିନ ଢାଳି ନିଆଁ ଲଗାଇ ପ୍ରତିବାଦ କରିଥିଲେ। ଏଥିରେ ତାଙ୍କ ଶରୀରର ୯୦ ପ୍ରତିଶତ ପୋଡି ଯାଇଥିଲା । ପ୍ରଥମେ ତାଙ୍କୁ ବୁର୍ଲା ମେଡିକାଲ ଓ ପରେ ମିଲ ମାଲିକଙ୍କ ସହଯୋଗରେ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ପୋଲିସ ଆତ୍ମହତ୍ୟା ଉଦ୍ୟମ କରିଥିବା ଗୁଣମଣିଙ୍କ ନାମରେ ମାମଲା ରୁଜୁ କରିଥିଲା। ହେଲେ ଏବେ ମାମଲା ସମାନ ରହିଥିଲେ ମଧ୍ୟ ଦଫାରେ ପରିବର୍ତ୍ତନ କରାଯାଇ ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଛି । ଗୁଣମଣିଙ୍କ ମୃତ୍ୟୁ ପରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହାକୁ ଅପେକ୍ଷା କରାଯାଇଛି । ଏ ସମ୍ପର୍କରେ ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି ଯେ, ମାମଲା ପରିବର୍ତ୍ତନ ହୋଇ ମିଲ ମାଲିକଙ୍କୁ ଦାୟୀ କରାଯାଇଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଗୁରୁନାନକ ପବ୍ଲିକ ସ୍କୁଲରେ ବିବିଧ ପ୍ରଦର୍ଶନୀ


ସ୍କୁଲ ପରିସରରେ ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ସମ୍ବଲପୁର,୧୪।୧୨(ବ୍ୟୁରୋ)

ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ବାଣିଜ୍ୟ, ଗଣିତ ଓ ଇଂରାଜୀ ପ୍ରଦର୍ଶନୀ ଗୁରୁବାର ସମ୍ବଲପୁର ଗୁରୁନାନକ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧକ୍ଷ ଡ. ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗନେଇ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ସ୍କୁଲ ଅଧକ୍ଷ ରବିନ୍ଦ୍ର ନାଥ ଦାଶଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ପରିଚାଳନା କମିଟି ସମ୍ପାଦକ ରନଜିତ ସିଂ ସାଲୁଜା, ସଭ୍ୟ ଗୁରୁଚରଣ ସିଂ, ମନଜିତ ସିଂ ସାଲୁଜା, ରନଜିତ ସିଂହୁରା, ଜିତମ ହୁରା, ଭଗତ ସିଂ, ନରେନ୍ଦର ସିଂ, ଅମରଜିତ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ବିଭାଗରେ ଛାତ୍ରୀଛାତ୍ର ୩ଶହ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

# ପୂର୍ବତନ ସମିତି ସମ୍ପାଦକ ଗିରଫ

ଝାରସୁଗୁଡ଼ା ଅଫିସ,୧୪।୧୨


ଗିରଫ ସୁନିଲ କୁମାର ସାହୁ।

**୧୩ଲକ୍ଷ ଟଙ୍କା ଆତ୍ମସାତ୍**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେମତା ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ସୁନିଲ କୁମାର ସାହୁଙ୍କୁ ପୋଲିସ୍ ଅର୍ଥ ଆତ୍ମସାତ୍ ଅଭିଯୋଗରେ ବୁଧବାର ଗିରଫକରି କୋର୍ଟ ଚାଲାଣ କରିଛି। ଏ ନେଇ ସମିତିର ନବନିର୍ବାଚିତ ସଭାପତି ଅନିଲ କୁମାର ବାରିକ ଗତ ନଭେମ୍ବର ୨ରେ ରେଙ୍ଗାଲି ଥାନାରେ ସମ୍ପୃକ୍ତ ସମ୍ପାଦକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୨୦୦/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

ତଦନ୍ତ ପରେ ପୋଲିସ ଜାଣିବାକୁ ପାଇଛି ସେବା ସମବାୟ ସମିତିରୁ ଚାଷୀମାନେ ଋଣ ନେଇ ପରେ ଏହାକୁ ପରିଶୋଧ କରିଛନ୍ତି। ହେଲେ ଏହିସବୁ ଅର୍ଥକୁ ସମ୍ପାଦକ ସାହୁ ସମିତିରେ ଜମା ନ କରି ଆତ୍ମସାତ୍ କରିଛନ୍ତି। ମୋଟ ୧୩,୫,୯୬୩ ଟଙ୍କା ଆତ୍ମସାତ୍ ହୋଇଥିବା ତଦନ୍ତରୁ ଜଣାପଡିଛି। ସୂଚନାଯୋଗ୍ୟ ସୁନିଲ ଦୀର୍ଘବର୍ଷ ହେଲା ଉକ୍ତ ସେବା ସମବାୟ ସମିତିରେ ସମ୍ପାଦକ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ଲକ୍ଷାଧିକ ଟଙ୍କା ହଡପ କରିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏହା ଆଧାରରେ ବିଭାଗ ତରଫରୁ ଗତ ମେ ମାସରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଚଳିତବର୍ଷ ସମିତିରେ ନିର୍ବାଚନ ହୋଇଥିବାବେଳେ ଅନିଲ କୁମାର ବାରିକ ସଭାପତି ଭାବେ ନିର୍ବାଚିତ ହୋଇ ଗତ ଅଗଷ୍ଟରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏଭଳି ଦୁର୍ନୀତି ସମ୍ପର୍କରେ ଜାଣିବା ପରେ ସଭାପତି ବାରିକ ସମ୍ପୃକ୍ତ ସମ୍ପାଦକ ସାହୁଙ୍କୁ ଆତ୍ମସାତ୍ ଅର୍ଥ ସମିତିରେ ଜମା କରିବା ପାଇଁ ତାଗିଦ କରିଥିଲେ। ହେଲେ ସେ ଏହା ଶୁଣି ନ ଥିଲେ। ଏ ନେଇ ସଭାପତି ବାରିକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସଭାପତି ବାରିକ ସମ୍ପାଦକ ସାହୁଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ।

## ଭୀମଭୋଇ କଲେଜରେ ଆଣ୍ଟି ରାଗିଂ ସଚେତନତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ରେଢାଖୋଲ,୧୪।୧୨(ଡି.ଏନ.ଏ.)

ସ୍ଥାନୀୟ ଭୀମଭୋଇ କଲେଜରେ ବୁଧବାର ଆଣ୍ଟି ରାଗିଂ ଓ ଯୌନ ଉତ୍ପୀଡନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟତଃ ଆଣ୍ଟିରାଗିଂ ମୁକ୍ତ କ୍ୟାମ୍ପସ୍ ଗଠନ କରିବାକୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କଲେଜ ଅଧକ୍ଷ ଦିଲୀପ କୁମାର ଦାଶ ଏଥିରେ ଅଧକ୍ଷତା କରିଥିଲେ। ଆଣ୍ଟିରାଗିଂ ସେଲର ଅଧାପିକା ସୁପ୍ରିୟା ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାତୃଭାବ ବଜାୟ ରଖିବା ସହ କଲେଜ କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ରାଗିଂର ଶିକାର ହେଲେ ଛାତ୍ରୀଛାତ୍ର ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବାକୁ କହିଥିଲେ। ପ୍ରାଧାପକ ଅକ୍ଷୟ କୁମାର କର, ପ୍ରାଧାପିକା ମମତା ମହାପାତ୍ର, ଅଧାପକ ରବିଚନ୍ଦ୍ର ସିଂ ପ୍ରମୁଖ ରାଗିଂ ନେଇ ଥିବା ଆଇନ ଓ ଦଣ୍ଡବିଧାନ ଉପରେ ସଚେତନ କରିଥିଲେ। ଅଧାପକ ଡ. ଦିବ୍ୟଲୋଚନ ରାଉତ ଧନ୍ୟବାଦ ଦେଇଥିଲେ।

## କୁଚିଣ୍ଡାକୁ ଜିଲା ଘୋଷଣା ଦାବି

କୁଚିଣ୍ଡା,୧୪।୧୨(ଡି.ଏନ.ଏ.)

କୁଚିଣ୍ଡା ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି କରି କୁଚିଣ୍ଡାରେ ଭାଜପା ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ଅଧକ୍ଷତାରେ ଭାଜପା କାର୍ଯ୍ୟାଳୟଠାରେ ବୈଠକ ହୋଇଥିଲା। ଏଥିରେ କୁଚିଣ୍ଡାକୁ ଜିଲା ମାନ୍ୟତା ନେଇ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଏବେ ପୁଣି ଦଳ ସମାନ ଦାବି ଦୋହରାଇଛି। ଏଥି ନିମନ୍ତେ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନରେ ଭାଜପା ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, ଉପାଧକ୍ଷ ସଞ୍ଜୟ ଦାଶ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଏନ୍‌ଏସି ମଣ୍ଡଳ ସଭାପତି କାହ୍ନୁଚରଣ ନାୟକ, ସମିତି ସଭ୍ୟ ଦୁର୍ଯ୍ୟୋଧନ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା


ସାହେବୀ ଉଚ୍ଚବିଦ୍ୟାଳୟଠାରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ନାକଟିଦେଉଳ,୧୪।୧୨(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକର ସାହେବୀ ଉଚ୍ଚବିଦ୍ୟାଳୟ ଓ ଶିମିଳିପାଳ ପଞ୍ଚାୟତର କାଦୋବାହାଲ ପଞ୍ଚଖଣ୍ଡା ହାଇସ୍କୁଲରେ ବୁଧବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାହେବୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ୮୦ଜଣ ଛାତ୍ରୀଛାତ୍ର ୧୫ଟି ଇଭେଣ୍ଟରେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ପଙ୍କଜ ଲୋଚନ ସାହୁ ଏହାକୁ ପରିଚାଳନା କରିଥିଲେ। ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ସୁବ୍ରତ ପ୍ରଧାନ ଓ ବାଳିକା ବିଭାଗରେ ୯ମ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ବେହେରା ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ ମୁଖ୍ୟଅତିଥି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜେନ୍ଦ୍ର ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ୧୫ଟି ଇଭେଣ୍ଟରେ ମୋଟ ୬୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିମିଳିପାଳ ସରପଞ୍ଚ ସସ୍ମିତାରାଣୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର କୁଶଧର ସାହୁ ଓ ବାଳିକା ବିଭାଗରେ ୧୦ମ ଶ୍ରେଣୀ ଛାତ୍ରୀ ପପିତା ପ୍ରଧାନ ଚାମ୍ପିୟନ ହୋଇଥିଲେ। ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ସାହୁ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ବାସୁଦେବ ସାହୁ ଖେଳ ପରିଚାଳନା କରିଥିଲେ।

## କ୍ଷତିପୂରଣ ପରେ ମୃତଦେହ ଉଠିଲା

ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୧୪।୧୨

ବନହରପାଲି ଥାନା ନୂଆଁଛର୍ଲା ଗାଁ ନିକଟ ଲଖନପୁର କୋଇଲାଖଣି ଅଞ୍ଚଳରେ ଜଣେ ସୁରକ୍ଷା କର୍ମୀଙ୍କ ଆକସ୍ମିକ ମୃତ୍ୟୁ ହୋଇଥିଲା। ମୃତକ ହେଲେ ବିହାର ରାଜ୍ୟ ଭୋଜପୁରର ଶିବ ଦର୍ଶନ ରାୟ(୫୩)। ଶିବ ବନ୍ଧବାହାଲର ମା' ତାରିଣୀ ସିକ୍ୟୁରିଟି ସର୍ଭିସ ସଂସ୍ଥାରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ସେ ଲଖନପୁର ଖଣି ଅଞ୍ଚଳରେ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବାବେଳେ ପରିବାର ସହ ବେଲପାହାଡ ଆଜାଦ ଛକରେ ଏକ ଭଡା ଘରେ ରହୁଥିଲେ । ଗତ ମଙ୍ଗଳବାର କାର୍ଯ୍ୟ ସ୍ଥଳରେ ଅସୁସ୍ଥ ଅନୁଭବ କରିବାରୁ ସାଥି କର୍ମଚାରୀ ତାଙ୍କୁ ବେଲପାହାଡର ଏକ ଘରୋଇ ଡାକ୍ତରଖାନା ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଏହି ଖବର ପ୍ରଚାରିତ ହେବା ପେର ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଲୋକେ ଡାକ୍ତରଖାନାରୁ ମୃତଦେହ ଉଠାଇ ଦେଇ ନ ଥିଲେ। ସିକ୍ୟୁରିଟି ସଂସ୍ଥା ମୃତକଙ୍କ ପରିବାରକୁ ମୋଟ ୧ ଲକ୍ଷ ୭୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପରେ ମ୍ୟତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବନହରପାଲି ଥାନାରେ ଏ ନେଇ ଏକ ମାମଲା (ନଂ.୧୭/୨୨) ରୁଜୁ କରି ପୋଲିସ ତଦନ୍ତ କରୁଛି ।

## ଗଞ୍ଜେଇ ଜବତ, ୨ ଗିରଫ

ନୂଆପଡ଼ା ଅଫିସ,୧୪।୧୨

ନୂଆପଡା ଜିଲା ଖଡିଆଳ ଅବକାରୀ ବିଭାଗ ୩୫୩ ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ୧୦ କିଗ୍ରା ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ରାୟଗଡା ଜିଲା ବିଷମକଟକ ଥାନା ସିକାବନ୍ଧା ଗାଁର ସୁଧିର ବାତ୍ରା (୨୧) ଓ ବଡବୁହଡା ଗାଁର ଭାଗୀରଥି କୌଶଲ୍ୟା (୩୮)। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଚାରିଟେବୁଲ ଟ୍ରଷ୍ଟ ତରଫରୁ ସମ୍ମାନ ସମାରୋହ

ଝାରସୁଗୁଡ଼ା ଅଫିସ,୧୪।୧୨

ଝାରସୁଗୁଡା ବ୍ଲକ ଶ୍ରୀପୁରାର ଦୁର୍ଗତିନାଶିନୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ମଙ୍ଗଳବାର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପଦେଷ୍ଟା ଅଜିତ କୁମାର ରଥ, ସାମାଜିକ କର୍ମୀ ରତ୍ନାକର ପ୍ରଧାନ, ଶ୍ରୀପୁରା ସରପଞ୍ଚ ଯଶୋବନ୍ତି ପାଣ୍ଡେ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଟ୍ରଷ୍ଟର ସଭାନେତ୍ରୀ ମିନତୀ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବା ବାପୁଜୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲୁରୁନା ରୋହିଦାସଙ୍କ ଅନୁପସ୍ଥିତିରେ ତାଙ୍କ ମା' ଓ ସାମାଜିକ କାର୍ଯ୍ୟ ସକାଶେ ସରପଞ୍ଚ ଯଶୋବନ୍ତି ପାଣ୍ଡେଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞାସିନୀ ଭୋଇ, ଯଶୋଦା ପଶାୟତ, ପୁଷ୍ପା ପାତ୍ର, ଧନମତି କାଲୋ, ଜ୍ୟୋତ୍ସ୍ନା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦିଗ୍‌ଦର୍ଶନ କର୍ମଶାଳା

ସମ୍ବଲପୁର,୧୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦିଗଦର୍ଶନ କର୍ମଶାଳା ବୁଧବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଆଦିବାସୀ ଓ ହରିଜନ ସଂଯୋଜିକା ଅନୁପମା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସିପ୍ରା ପ୍ରଧାନ, ସିଏସ୍‌ଏଫ୍ ପ୍ରୋଗ୍ରାମ ମ୍ୟାନେଜର ଶୁଭମ ସିଂ ସାଧନା କର୍ମୀ ଭାବେ ଯୋଗଦେଇଥିଲେ। ସମ୍ବଲପୁର ଜିଲାର ୧୭୦ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଅଧକ୍ଷ, ୩୩ଜଣ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଭିନାଶ ସାହୁ ସଂଯୋଜନା କରିଥିବାବେଳେ ଅରୁଣ କୁମାର ଦାଶ ସହଯୋଗ କରିଥିଲେ।


ଦିଗଦର୍ଶନ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# କ୍ଷେତରୁ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ

**ପ୍ରେମଜନିତ ହତ୍ୟାକାଣ୍ଡ ସନ୍ଦେହ**

ଝାରସୁଗୁଡ଼ା ଅଫିସ,୧୪।୧୨

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଚାଣ୍ଟିପାଲି ଗ୍ରାମ ନିକଟ କ୍ଷେତରୁ ବୁଧବାର ପୋଲିସ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି। ମୃତକ ହେଲେ ଧୁଲୁଣ୍ଡା ଗ୍ରାମର ପିଣ୍ଟୁ ଦେହେରି (୨୮)। ମୃତ ଯୁବକଙ୍କ କାକା ସଚ୍ଚିଦାନନ୍ଦ ଦେହେରିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ରେଙ୍ଗାଲି ଥାନାରେ ଦଫା ୩୦୨ରେ ମାମଲା (୨୩୨/୨୨) ରୁଜୁ କରିଛି। ପୋଲିସ୍ ତଦନ୍ତ ପରେ ଏହା ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛି। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ସାମରିଆ କ୍ରେସେନିଆ, ଫାଣ୍ଡି ଅଧିକାରୀ ସୁଶାନ୍ତ କିଷାନ ପ୍ରମୁଖ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ନିକଟରୁ ପୋଲିସ ତାଙ୍କ ମୋବାଇଲ ଜବତ କରି କଲ୍‌ରେକର୍ଡ ଯାଞ୍ଚ କରୁଛି। ଅଭିଯୁକ୍ତଙ୍କୁ ଗିରଫ ଦାବିକରି ଗ୍ରାମବାସୀ


ଯୁବକଙ୍କ ମୃତଦେହକୁ ଗ୍ରାମବାସୀ ଘେରି ରହିଛନ୍ତି।

ମୃତଦେହ ଉଠିବାକୁ ଦେଇ ନ ଥିଲେ। ଏସ୍‌ଡିପିଓ ଓ ଆଇଆଇସି ୨ଦିନ ମଧ୍ୟରେ ଘଟଣାର ପର୍ଦ୍ଦାଫାସ କରାଯାଇ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବାପରେ ସନ୍ଧ୍ୟା ୬ଟାରେ ମୃତଦେହ ଉଠିଥିଲା। ସୂଚନାଯୋଗ୍ୟ ଗୋବିନ୍ଦ ଦେହେରିଙ୍କ ଏକମାତ୍ର ପୁଅ ପିଣ୍ଟୁ ଛତିଶଗଡର ଏକ କାରଖାନାରେ କାମ କରୁଥିବାବେଳେ ୩ଦିନ ହେଲା ଗ୍ରାମକୁ ଆସିଥିଲେ। ମଙ୍ଗଳବାର ରାତିରେ ସେ ଭୋଜି କରିବାକୁ ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ବୁଧବାର ସକାଳୁ ଚାଣ୍ଟିପାଲି- ମୁରଲୀପାଲି ରାସ୍ତାପାର୍ଶ୍ୱ କ୍ଷେତରେ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯୁବକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ତାଙ୍କ ସହିତ ପ୍ରାୟ ସମୟ ମୋବାଇଲ୍‌ରେ କଥା ହେଉଥିଲେ । ଏହା ଆଧାରରେ ପୋଲିସ୍ ଯୁବତୀଙ୍କ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ତାଙ୍କ ଘରେ କେହି ଲୋକ ନ ଥିବା ଦେଖିଥିଲା।

